## ସଂକ୍ଷେପରେ

### ଜେଏମ୍ଏଫ୍ସି କୋର୍ଟ ପ୍ରତିଷ୍ଠା ଦିବସ



**ଭୁବନ, ୨୯।୩(ଡି.ଏନ.ଏ):** ଢେଙ୍କାନାଳ ଜିଲା ଭୁବନ ଜେଏମ୍ଏଫ୍ସି କୋର୍ଟର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ଓକିଲ ସଂଘ ସଭାପତି ବାବୁଲି ସେଠୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସାଇଅଭୀପ୍ସା ଗୋଚ୍ଛାୟତ ଯୋଗଦେଇ କହିଲେ, କୋର୍ଟ ପ୍ରତିଷ୍ଠା ହେବା ପରେ ଅଞ୍ଚଳର ବହୁ ସମସ୍ୟାର ସମାଧାନ ହୋଇପାରିଛି। ଗରିବ ଲୋକମାନେ ଆଇନଗତ ସୁବିଧା ପାଇପାରୁଛନ୍ତି। ଆଗାମୀ ଦିନରେ ଦଳିତ, ଅସହାୟ ଲୋକଙ୍କୁ ନ୍ୟାୟ ଦେବାଲାଗି ଆଇନଜୀବୀମାନେ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ସରକାରୀ ଓକିଲ ଶ୍ରୀକାନ୍ତ ସାହୁ, ମହେନ୍ଦ୍ର ମହାପାତ୍ର, ରବୀନ୍ଦ୍ର ଦାଶ, କୁଞ୍ଜବିହାରୀ ଚିନ୍ନାରା, ପ୍ରହ୍ଲାଦ ସାହୁ, କୋଦଣ୍ଡଧର ନାୟକ, ଅଜୟ ଥାଟୋଇ ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଗ୍ରହଣ ଖଣ୍ଡିଆ ଚିହ୍ନଟ ଶିବିର



**ଢେଙ୍କାନାଳ ଅଫିସ, ୨୯।୩:** ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଶୁକ୍ରବାର ଗ୍ରହଣ ଖଣ୍ଡିଆ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ରୂପକ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରକୁ ନୋଡାଲ ଅଧିକାରୀ ତଥା ଏଡିଏମ୍ଓ (ପରିବାର କଲ୍ୟାଣ) ଡା. ବିଦ୍ୟୁତ୍ କୁମାର ନନ୍ଦ ଉଦ୍‌ଘାଟନ କରିଥିଲେ। ଗ୍ରହଣ ଖଣ୍ଡିଆ ଚିହ୍ନଟ କାର୍ଯ୍ୟକ୍ରମ ଜାରି ରହିବ। ଶିଶୁଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଜିଲା ସ୍ୱାସ୍ଥ୍ୟ ସମିତି ବହନ କରିବ ବୋଲି ଏଡିଏମ୍ଓ ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜର ଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ୪୦ ଗ୍ରହଣ ଖଣ୍ଡିଆ ଶିଶୁଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କ ଅସ୍ତ୍ରୋପଚାର କରାଯିବ। ଏଥିଲାଗି ଏପ୍ରିଲ ୧୦କୁ ଧାର୍ଯ୍ୟ କରାଯାଇଥିବା ଆରବିଏସ୍କେ ମ୍ୟାନେଜର ସୌମ୍ୟରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

### ଶ୍ରୀକରଣ ସମାଜ ସଭାପତିଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୨୯।୩:** ଢେଙ୍କାନାଳ ଶ୍ରୀକରଣ ସମାଜର ସଭାପତି ତ୍ରିଲୋକ ଚନ୍ଦ୍ର ପଟ୍ଟନାୟକ (୭୪)ଙ୍କ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୮ଟାରେ କଟକରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ହୃଦ୍‌ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ଏକମାତ୍ର ପୁତ୍ର ଦିଗନ୍ତଜ୍ୟୋତି ପଟ୍ଟନାୟକଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମରଶରୀର ମହାବୀର ବଜାରସ୍ଥିତ ବାସଭବନକୁ ଅଣାଯିବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, ରଣେନ୍ଦ୍ର ପ୍ରତାପ ସିଂଦେଓ, ହର୍ଷବର୍ଦ୍ଧନ ସିଂଦେଓ, ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ, ସଙ୍କଟ ଭଞ୍ଜନ ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ପରେଶ ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ ପ୍ରମୁଖ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ସାମାଜିକ କର୍ମୀଭାବେ ତ୍ରିଲୋକ ଚନ୍ଦ୍ର ବେଶ୍ ପରିଚିତ ଥିଲେ। କାମାକ୍ଷାନଗର ବ୍ଲକ କୋଟଗରା ଗ୍ରାମରେ ସେ ନିଜର କର୍ମମୟ ଜୀବନ ବିତାଇଥିଲେ। କୋଟଗରାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ■ଆଇଆଇଏମ୍‌ସିରେ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ

# 'ଭାରତୀୟ ମୂଲ୍ୟବୋଧକୁ ସ୍ୱୀକାର କରୁଛି ବିଶ୍ୱ'

**ଢେଙ୍କାନାଳ ଅଫିସ, ୨୯।୩**



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଭାରତୀୟ ମୂଳ ସଭ୍ୟତା ଆଜି ବି ବଞ୍ଚିରହିଛି। ଏହା ସାରା ବିଶ୍ୱରେ ପ୍ରତିଫଳିତ ହେଉଛି। ଭାରତର ଇତିହାସ ଗୌତମ ବୁଦ୍ଧ, ଚୈତନ୍ୟ ଭଳି ମହାତ୍ମାଙ୍କ ଦର୍ଶନ ଉପରେ ଆଧାରିତ। ଏହି ଦାର୍ଶନିକ ବିପ୍ଳବ ଭାରତକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି କହିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ। ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଓଡ଼ିଶା ଡାଏରୀ ଫାଉଣ୍ଡେଶନ ଏବଂ ଓଡ଼ିଶା ମିଡିଆ ଇନ୍‌ଫୋ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ କଳିଙ୍ଗ ଲିଟେରାରି ଫେଷ୍ଟିଭାଲର ପ୍ରଥମ କ୍ୟାମ୍ପସ ସଂସ୍କରଣରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସମାଜର ନୀତିଆଦର୍ଶ ଉପରେ ଆଲୋକପାତ କରି ଶାନ୍ତନୁ କହିଲେ, ଭାରତୀୟ ମୂଲ୍ୟବୋଧ ସବୁ ସମୟରେ ରହିଆସିଛି। ସାରା ବିଶ୍ୱ ଏହାକୁ ସ୍ୱୀକାର କରୁଛି। ଗାନ୍ଧୀଙ୍କ ଅହିଂସା ଓ ଅସହଯୋଗ ନୀତି ବ୍ରିଟିଶଙ୍କୁ ଦେଶ ଛାଡ଼ିବାକୁ ବାଧ କରିଥିଲା। ବର୍ତ୍ତମାନ ବି ଗାନ୍ଧୀଙ୍କ ଦର୍ଶନ ଓ ନୀତି ବଞ୍ଚିଛି। ସେ ସମୟରେ ରାଜାମାନେ ଧାର୍ମିକ ଥିଲେ। ସେମାନେ ସମାଜ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ 'ଦୃଶ୍ୟ ମାଧ୍ୟମରେ ସାହିତ୍ୟର ରୂପାନ୍ତର' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ୟୋତି ପ୍ରକାଶ ମହାପାତ୍ର କହିଲେ, ଚଳଚ୍ଚିତ୍ର ଅମଡ଼ାବାଟ, ମାଟିର ମଣିଷରେ ଓଡ଼ିଆ ସାହିତ୍ୟ ପ୍ରତିଫଳିତ ହୋଇଛି। ଆଜିକାଲି ଭଲ ଉପନ୍ୟାସ ବାହାରୁନାହିଁ। ତେଣୁ ସାହିତ୍ୟ ଉପରେ ଆଧାରିତ ଚଳଚ୍ଚିତ୍ର ମଧ୍ୟ ଦେଖିବାକୁ ମିଳୁନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ସମୟ ସହ ତାଳଦେଇ ସାହିତ୍ୟକୁ ଚଳଚ୍ଚିତ୍ରରେ ରୂପାନ୍ତରିତ କରିବା କଷ୍ଟକର ବ୍ୟାପାର। ଆଧୁନିକ ପ୍ରଯୋଜକ, ନିର୍ଦ୍ଦେଶକମାନେ ସାହିତ୍ୟକୁ ଚଳଚ୍ଚିତ୍ରର ରୂପଦେବାକୁ ସଙ୍କୋଚ କରୁଛନ୍ତି। ହାତଗଣତି ଗୁଣୀ ନିର୍ଦ୍ଦେଶକ ନିଜ ଚଳଚ୍ଚିତ୍ରରେ ସାହିତ୍ୟର ଆତ୍ମାକୁ ବଞ୍ଚାଇ ରଖିଛନ୍ତି ବୋଲି ସେ କହିଥିଲେ। ଲେଖକ ସୁବୀର ବୋଷ ଆଲୋଚନାରେ ଭାଗନେଇ କହିଲେ, ସାହିତ୍ୟର ଭାଷାଠାରୁ ଚଳଚ୍ଚିତ୍ରର ଭାଷା ଭିନ୍ନ। ଚଳଚ୍ଚିତ୍ର ହେଉଛି ମିଶ୍ରିତ କଳା। ଏଥିରେ ନିର୍ଦ୍ଦେଶକଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀ ରହିବା ସ୍ୱାଭାବିକ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଅନୁବାଦିକା ଲିପିପୁଷ୍ପା ନାୟକ ସଂଯୋଜନା କରିଥିଲେ। କଳିଙ୍ଗ ଲିଟେରାରି ଫେଷ୍ଟିଭାଲର ସହଯୋଗୀ ସଂଯୋଜକ ଦେବମିତ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆବାହକ ଦେବାଶିଷ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

ତୃତୀୟ ଅଧିବେଶନରେ କବିତା ପାଠୋତ୍ସବ 'ଶବ୍ଦାଞ୍ଜଳି' ଏବଂ ଅନ୍ତିମ ଅଧିବେଶନରେ ମନୋରଞ୍ଜନ କାର୍ଯ୍ୟକ୍ରମ 'ନାଟ୍ୟାଞ୍ଜଳି' ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସ୍ଥାନର ବହୁ ଛାତ୍ରୀଛାତ୍ର, ଅଧାପିକାଅଧାପକ ଉପସ୍ଥିତ ଥିଲେ।

# ୩୦୦୦ ଗୋରୁଙ୍କୁ ଟିକା



ଏକ ଗୋରୁକୁ ଟିକାକରଣ କରାଯାଉଛି।

**ପରଜଙ୍ଗ, ୨୯।୩(ଡି.ଏନ୍.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ରହୁଥିବା ୩୦୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ସହାଣ ଟିକା ଦିଆଯାଇଛି। ପ୍ରାଣୀଧନ ଚିକିତ୍ସାଧିକାରୀ ରଞ୍ଜିତ କୁମାର ସାହୁଙ୍କ ନେତୃତ୍ୱରେ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ୪ଟି ଟିମ୍‌ରେ ବିଭକ୍ତ ହୋଇ ବନ ବିଭାଗ ସହାୟତାରେ ଟିକାକରଣରେ ସାମିଲ ହୋଇଛନ୍ତି। ଲଗାତର ୪ଦିନ ଧରି ଚାଲିବାକୁ ଥିବା ଏହି ଟିକାଦିଆ କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ଗୋରୁଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଆମ୍ବପଳାସ, କଙ୍କଡ଼ାସୋଡ଼ା, ବାରବାଙ୍କ, କନ୍ଦରସିଂହା ଅଞ୍ଚଳର ଗୃହପାଳିତ ପ୍ରାଣୀମାନେ ଜଙ୍ଗଲକୁ ଚରିବାକୁ ଯାଇଥାନ୍ତି। ବନ୍ୟଜନ୍ତୁଙ୍କ ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କୁ ସଂକ୍ରାମକ ରୋଗ ହେବାର ଆଶଙ୍କା ରହିଥାଏ। ଫଳରେ ଗୃହପାଳିତ ପ୍ରାଣୀମାନେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେଣୁ ଆରମ୍ଭରୁ ରୋଗ ନିୟନ୍ତ୍ରଣ କରିବାକୁ ଏପରି ସକ୍ରିୟ ପଦକ୍ଷେପ ନିଆଯାଇଥିବା ପ୍ରାଣୀଧନ ଚିକିତ୍ସାଧିକାରୀ କହିଛନ୍ତି। ଟିକାକରଣ କାର୍ଯ୍ୟକ୍ରମରେ ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ କ୍ରିଷ୍ଣାପ୍ରିୟା ସାହୁ, ଶଶିରେଖା ଦିୱାନି, ପଞ୍ଚାନନ ସିଂ, ହାତୀ ସ୍କ୍ୱାଡ୍ କର୍ମଚାରୀ ସହଯୋଗ କରିଥିଲେ।

# ୨ୟ ଦିବସରେ ୨ଜଣଙ୍କ ନାମାଙ୍କନ



ଭଜମନ ରାଉତ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୯।୩**



ଜିଲାପାଳଙ୍କ ନିକଟରେ ମାନସୀ ସ୍ୱାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଢେଙ୍କାନାଳ ଜିଲାରେ ସାଧାରଣ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବାର ଦ୍ୱିତୀୟ ଦିନରେ ୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଲୋକ ସଭା ଆସନ ଲାଗି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ମାନସୀ ସ୍ୱାଇଁ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ନିଖିଲ ପୱନ କଲ୍ୟାଣଙ୍କ ନିକଟରେ ୨ ସେଟ୍ ନାମାଙ୍କନ ଭରିଥିଲେ। ସେ ନିଜର ସମର୍ଥକମାନଙ୍କ ସହ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରିଥିଲେ।

ସେହିପରି ସଦର ବିଧାନସଭା ଆସନ ଲାଗି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର ଭଜମନ ରାଉତ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭଜମନ ନିଜ ସମର୍ଥକଙ୍କ ଗହଣରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନିକଟରେ ଏକ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନୁରୂପ ଭାବେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜଣେ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତେବେ କୌଣସି କାରଣରୁ ସେ ପ୍ରାର୍ଥିପତ୍ର ଦାଖଲ କରିପାରିନାହାନ୍ତି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଅନ୍ୟପଟେ ଦ୍ୱିତୀୟ ଦିବସରେ ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ ବିଧାନସଭା ଆସନ ଲାଗି କୌଣସି ଦଳ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବା ଜଣାପଡ଼ିଛି।

## ପୂର୍ବତନ ଜିଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ଇସ୍ତଫା

**ଢେଙ୍କାନାଳ ଅଫିସ,୨୯।୩**

ଢେଙ୍କାନାଳ ପୌରାଞ୍ଚଳ ୧୦ନଂ. ୱାର୍ଡର ପୂର୍ବତନ କାଉନସିଲର ତଥା ପୂର୍ବତନ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପୂର୍ଣ୍ଣିମା ଚାନ୍ଦ ସାହୁ ଦଳରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ଜିଲା ସଭାପତି ଏବଂ ପିସିସି ମୁଖିଆଙ୍କୁ ଅବଗତ କରିଥିବା କହିଛନ୍ତି। ଏଆଇସିସିର ନିର୍ଦ୍ଦେଶନାମାକୁ ଅଣଦେଖା କରି ପିସିସି ସଭାପତି ଅନ୍ୟ ଦଳରୁ ଜଣେ ବ୍ୟକ୍ତିଙ୍କୁ ଆଣି ବିଧାନସଭା ପ୍ରାର୍ଥୀ କରିଛନ୍ତି। ଦଳରେ ଯୁବକ ଏବଂ ମହିଳାଙ୍କୁ ଅଣଦେଖା କରାଯାଉଛି। ଏହାକୁ ପୂର୍ଣ୍ଣିମାଚାନ୍ଦ ତୀବ୍ର ନିନ୍ଦା କରିଛନ୍ତି। ୧୯୯୭ରୁ ସେ ନିଷ୍ଠାପର ଭାବେ ଦଳର ଜଣେ ସଦସ୍ୟା ଭାବେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରି ଆସୁଥିଲେ। ଚଳିତ ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନ ଲାଗି ସେ ଆଶାୟୀ ଥିଲେ। ଏଥିଲାଗି ଆବେଦନ ମଧ୍ୟ କରିଥିଲେ। ନିର୍ବାଚନ ସମୟରେ ପିସିସି ସଭାପତି ଯେଉଁ ନିଷ୍ପତ୍ତି ନେଲେ ତାହା ତାଙ୍କୁ ମର୍ମାହତ କରିଛି। ଏହାର ପ୍ରତିବାଦରେ ସେ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଲିଖିତ ଭାବେ ଜଣାଇଛନ୍ତି।

# ଯଶସ୍ୱିନୀଙ୍କୁ ପରଜଙ୍ଗ ଟିକେଟ

**ପରଜଙ୍ଗ, ୨୯।୩(ଡି.ଏନ୍.ଏ.)**

**ଏପ୍ରିଲ ୨ରେ ନାମାଙ୍କନ ଭରିବେ**



ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି କଂଗ୍ରେସ ପକ୍ଷରୁ ଯଶସ୍ୱିନୀ ରାଉତଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଆସନ୍ତା ୨ ତାରିଖରେ ସେ ବିଧିବଦ୍ଧ ଭାବେ ନାମାଙ୍କନପତ୍ର ଦାଖଲ କରିବେ। ଏ ନେଇ ଶୁକ୍ରବାର ଅନୁଷ୍ଠିତ ଦଳର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

ନାମାଙ୍କନପତ୍ର ଦାଖଲ ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯିବ। ଏହି ରାଲି ପରଜଙ୍ଗରୁ ବାହାରି କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ଏଥିରେ ପରଜଙ୍ଗ, କଙ୍କଡ଼ାହାଡ଼ ଏବଂ କାମାକ୍ଷାନଗର ବ୍ଲକରୁ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେବେ ବୋଲି ଦଳର ଜିଲା ଉପସଭାପତି ତଥା ଯଶସ୍ୱିନୀଙ୍କ ସ୍ୱାମୀ ସନ୍ତୋଷ ରାଉତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୦୭ ପଞ୍ଚାୟତ ନିର୍ବାଚନରେ ପରଜଙ୍ଗ ବ୍ଲକର ରାଜନୀତି ରୋଚକ ହୋଇଥିଲା। କଂଗ୍ରେସ ସମର୍ଥନରେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇ ବିସ୍ମିତା ମହାପାତ୍ର ଏବଂ ଯଶସ୍ୱିନୀ ଅଢ଼େଇ ବର୍ଷ ଲେଖାଏଁ ବ୍ଲକ ଅଧକ୍ଷା ରହିଥିଲେ। ଅନ୍ୟପଟେ ଯଶସ୍ୱିନୀଙ୍କ ପରିବାର ଦୀର୍ଘଦିନ ହେଲା କଂଗ୍ରେସ ସହ ଜଡ଼ିତ। ୨୦୧୯ ନିର୍ବାଚନରେ ଦଳ ତାଙ୍କୁ ବିଧାୟକ ପ୍ରାର୍ଥୀ କରିଥିବାବେଳେ ଏହା ତାଙ୍କ ଲାଗି ସମ୍ମାନର ପ୍ରଶ୍ନ ହୋଇଛି। ଏ ନେଇ ଯଶସ୍ୱିନୀ କୁହନ୍ତି, ତାଙ୍କ ଉପରେ ଦଳ ଭରସା କରିଛି। ଦଳୀୟ କର୍ମୀଙ୍କୁ ସାଥିରେ ନେଇ ସେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଚଳାଇଛନ୍ତି। କର୍ମୀମାନଙ୍କ ଭରସାକୁ ସେ ଭାଙ୍ଗିବେ ନାହିଁ ବୋଲି କହିଛନ୍ତି।

# ଭାଜପା କର୍ମୀ ସମ୍ମିଳନୀ

**ଭାପୁର, ୨୯।୩(ଡି.ଏନ୍.ଏ.)**

ସଦର ବ୍ଲକ ଭାପୁର ବାରିପୋଖରୀ ନିକଟରେ ଶୁକ୍ରବାର ଭାଜପା ପ୍ରାର୍ଥୀଙ୍କ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ସଦର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ଉପସ୍ଥିତ ରହି ବିଜେଡି ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଶାସକ ଦଳର ୧୯ ବର୍ଷର ଶାସନ କାଳ ମଧ୍ୟରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବହେଳା ଅସହ୍ୟ ହେଲାଣି। ଆଗାମୀ ନିର୍ବାଚନରେ ଭାଜପାକୁ ବିପୁଳ ପରିମାଣରେ ଭୋଟ ଦେଇ ଓଡ଼ିଶାକୁ ପ୍ରଗତିଶୀଳ କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସତ୍ୟାନନ୍ଦ ପାତ୍ର, ଜ୍ଞାନରଞ୍ଜନ ନାୟକ, ବିଷ୍ଣୁପ୍ରସାଦ ଲେଙ୍କା, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ଛଦେଶ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।




କର୍ମୀ ସମ୍ମିଳନୀରେ ଭାଜପା ନେତା ଓ କର୍ମୀମାନେ।

## ଗଛରୁ ପଡ଼ି ଯୁବକ ମୃତ

**ଢେଙ୍କାନାଳ ଅଫିସ, ୨୯।୩**

ଗଁଦିଆ ଥାନା ଷଡ଼ଙ୍ଗୀ ଗ୍ରାମରେ ଶୁକ୍ରବାର ଗଛରୁ ଖସିପଡ଼ି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେ ହେଲେ ବଳରାମ ଦେହୁରୀ (୨୫)। ଗଛରେ ଚଢ଼ିଥିବାବେଳେ ସେ ଅସାବଧାନତାବଶତଃ ଖସିପଡ଼ିଥିଲେ। ତାଙ୍କୁ ପ୍ରଥମେ ବରପଦାସ୍ଥିତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଯୁବକ ମୃତ

**କାମାକ୍ଷାନଗର, ୨୯।୩(ଡି.ଏନ୍.ଏ.)**

ମହାବିରୋଡ଼ ଫାଣ୍ଡି ଅନ୍ତର୍ଗତ ଡୋଲିଆ ସମାକୁନ୍ଦ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଙ୍କଡ଼ାହାଡ଼ ଥାନା ମାରଦା ଗ୍ରାମର ପ୍ରଫୁଲ୍ଲ ଦାସଙ୍କ ପୁଅ ପ୍ରଦୀପ। ପ୍ରଦୀପ ବନ୍ଧୁଘରକୁ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ତାଙ୍କୁ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ନିର୍ବାଚନ ପାଇଁ ପୋଲିସ ପ୍ରସ୍ତୁତ: ଏସ୍‌ପି

**ଢେଙ୍କାନାଳ ଅଫିସ, ୨୯।୩**



ଖବରଦାତା ସମ୍ମିଳନୀରେ ଏସ୍‌ପି ଅନୁପମା ଜେମସ୍ ସୂଚନା ଦେଉଛନ୍ତି।

■୩୩୦ଜଣଙ୍କ ବିରୋଧରେ ୱାରେଣ୍ଟ

■ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗ୍ ରୁମ୍

■ସମ୍ବେଦନଶୀଳ ବୁଥ୍ ଉପରେ କଡ଼ା ନଜର

■ମୁତୟନ ହେବେ ସିଏପିଏଫ୍

ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ କରିବାକୁ ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନ ସବୁସ୍ତରରେ ପ୍ରସ୍ତୁତ ଅଛି। ଭୋଟ ସମୟରେ କୌଣସି ପରିସ୍ଥିତିରେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯିବନାହିଁ ବୋଲି କହିଛନ୍ତି ଏସ୍‌ପି ଅନୁପମା ଜେମ୍‌ସ। ଶୁକ୍ରବାର ପୂର୍ବାହ୍ନରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ବାଚନ ପରିଚାଳନା ସମ୍ପର୍କିତ ବ୍ୟବସ୍ଥା ଉପରେ ଏସ୍‌ପି ବିସ୍ତୃତ ସୂଚନା ଦେଇଛନ୍ତି।

ମାର୍ଚ୍ଚ ୧୦ରୁ ଜିଲାରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଚାଲିଛି। ବିଶେଷ କରି ଜିଲା ସୀମାବର୍ତ୍ତୀ ଅଞ୍ଚଳକୁ ଅଧିକ ଫୋକସ୍ କରାଯାଉଛି। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯିବ। ଇଭିଏମ୍ ଷ୍ଟ୍ରଙ୍ଗ ରୁମ ସୁରକ୍ଷା ବଳୟରେ ରଖାଯାଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଚାହିଁଲେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରାଯିବ। ଏଥିପାଇଁ ବିଧିବଦ୍ଧ ଭାବେ ଆବେଦନ କରିବାକୁ ପଡ଼ିବ ବୋଲି ଏସ୍‌ପି କହିଛନ୍ତି।

ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଦେବାକୁ ଯାଇ ଏସ୍‌ପି କହିଲେ, ନିର୍ବାଚନ ପରିଚାଳନାରେ ୨ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୬ ଇନ୍ସପେକ୍ଟର, ୧୦୦ ଏସ୍‌ଆଇ ଓ ଏଏସ୍‌ଆଇ, ୧୧୦୦ କନଷ୍ଟେବଳ, ହାବିଲଦାର, ହୋମଗାର୍ଡଙ୍କ ସମେତ ସିଏପିଏଫ୍ ମୁତୟନ କରାଯିବ। ଅବକାରୀ ବିଭାଗ ଏବଂ ପୋଲିସର ମିଳିତ ସ୍କ୍ୱାଡ୍ ଅବାଧ ନିଶା କାରବାର ରୋକିବା ଦିଗରେ କାର୍ଯ୍ୟ କରୁଛି। ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ୭୯ ଅବକାରୀ ମାମଲା ରୁଜୁ କରାଯାଇଛି। ୬୮୭ ଅଭିଯୁକ୍ତଙ୍କ ମଧ୍ୟରୁ ୩୩୦ ଜଣଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ଶାନ୍ତିଶୃଙ୍ଖଳା ଭଙ୍ଗ ଆଶଙ୍କାରେ ୧୧୯ଜଣଙ୍କ ନାମରେ ସିଆରପିସି ୧୦୭ ଧାରା ଅନୁଯାୟୀ ପିଆର ଦିଆଯାଇଛି। ଭୋଟଗ୍ରହଣ ସମୟରେ ବୁଥଗୁଡ଼ିକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ପ୍ରାୟତଃ ନାହିଁ। ତଥାପି ଉକ୍ତ ଅଞ୍ଚଳ ପ୍ରତି ସତର୍କ ଦୃଷ୍ଟି ପ୍ରଦାନ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ବିନୟକୃଷ୍ଣ କାମିଲା, ଗୋଇନ୍ଦା ବିଭାଗ ଡିଏସ୍‌ପି ଯୋଗେଶ୍ୱର ଓରାମଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଜି ଓକିଲ ସଂଘ ନିର୍ବାଚନ

ଅନୁଗୋଳ ଅଫିସ, ୨୯।୩- ଅନୁଗୋଳ ନୂତନ କୋର୍ଟ ଗୃହ ବାର୍ ଆସୋସିଏଶନ୍ ହଲରେ ଶନିବାର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ସଭାପତି ପଦବୀ ପାଇଁ ୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଉପସଭାପତି ପାଇଁ ୩ ଜଣ, ସାଧାରଣ ସମ୍ପାଦକ ପାଇଁ ୩, ସହ ସମ୍ପାଦକ ପାଇଁ ୨ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି କୋଷାଧକ୍ଷ ଓ ସାଂସ୍କୃତିକ ସମ୍ପାଦକ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ପୂର୍ବାହ୍ନ ୯ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହେବ ବୋଲି ଅନୁଗୋଳ ଓକିଲ ସଂଘ ନିର୍ବାଚନ ଅଧିକାରୀ ଭୂପେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୯।୩(ଡି.ଏନ.ଏ)-ହଣ୍ଡପା ଥାନା କଣ୍ଡାଳ ଗ୍ରାମର ଦୁହିତା ମିର୍ଦ୍ଧାଙ୍କୁ ସେହି ଗ୍ରାମର ଚଉବନ ମିର୍ଦ୍ଧା ଶୁକ୍ରବାର ଏକ ଠେଙ୍ଗାରେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ଶୁକ୍ରବାର ଦୁହିତା ଘରେ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ୨ ଟ୍ରକ୍ ଧକ୍କା, ଜଣେ ଗୁରୁତର

ବଇଣ୍ଡା,୨୯।୩(ଡି.ଏନ.ଏ)- କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର କିଶୋରନଗର ଥାନା ବାମୁର ନିକଟରେ ଶୁକ୍ରବାର ୨ଟି ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ଟ୍ରକ୍ର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ସେ ଟ୍ରକରେ ଚାପି ହୋଇ ରହିଥିବାବେଳେ ବାମୁର ଅଗ୍ନିଶମ କର୍ମଚାରୀ, ସ୍ଥାନୀୟ ଗ୍ରାମବାସୀ ଓ କିଶୋରନଗର ପୋଲିସ ସହାୟତାରେ କଟର ସାହାଯ୍ୟରେ ଗାଡ଼ି କାଟି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ କହିଛି, ଏକ ମାଲ ବୋଝେଇ ଟ୍ରକ୍ (ନଂ.ଓଡ଼ି୦୫ଜି ୪୬୫୭) ବରଗଡ଼ରୁ ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ଟ୍ରକ (ନଂ.ଓଡ଼ି୩୫ସି୨୧୮୪) ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ କରି ଏକ ମାମଲା ରୁଜୁ କରିଛି।

### ଆମ ପୋଲିସ ସମିତି ବୈଠକ



ବଆଁରପାଳ, ୨୯।୩ (ଡି.ଏନ୍.ଏ.)
ବଆଁରପାଳ ଥାନା ଫୁଲପଡ଼ା ଠାରେ ଆମ ପୋଲିସ ସମିତି ପକ୍ଷରୁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବଆଁରପାଳ ଥାନା ଅଧିକାରୀ କନକ କୁମାର ମାଝି ଏଥିରେ ସଭାପତିତ୍ୱ କରିଥିଲେ। ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣ ଓ ପୋଲିସ ମଧ୍ୟରେ କିଭଳି ସୁସମ୍ପର୍କ ରହିବ ସେ ଉପରେ ଆଲୋକପାତ କରିଥିଲେ। ଏଥିସହ ମୋବାଇଲ ଓ ଏଟିଏମ୍ ମାଧ୍ୟମରେ ଲୋକମାନେ କିପରି ଠକେଇର ଶିକାର ନ ହେବେ ସେ ନେଇ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ସେହିପରି ଟ୍ରାଫିକ ସଚେତନତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସବ୍‌ଇନ୍ସପେକ୍ଟର ତ୍ରିଲୋଚନ ଖଟୁଆ, ନରେଶ ସିଂହଙ୍କ ସମେତ ଆମ ପୋଲିସ କମିଟିର ବହୁ ସଦସ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଖଣ୍ଡବରରେ ଦୋଳଯାତ୍ରା

ବଇଣ୍ଡା,୨୯।୩(ଡି.ଏନ.ଏ)- କିଶୋରନଗର ବ୍ଲକ ଜାମ୍ଫୁନାଳୀ ପଞ୍ଚାୟତ ଖଣ୍ଡବର ଗ୍ରାମରେ ଗୁରୁବାର ଦୋଳଯାତ୍ରା ପାଳିତ ହୋଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ଏକ ପଟୁଆରରେ ନଗରପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ସେଠାରେ ଯଥାରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟବାଦ୍ୟ, ଲଉଡ଼ିଖେଳ, ନାମ ସଂକୀର୍ତ୍ତନ, ଘୋଡ଼ାନାଚ ଆଦି ପରିବେଷଣ କରାଯାଇଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବହୁ ଲୋକ ଯୋଗ ଦେଇଥିଲେ। ଗ୍ରାମବାସୀ ଓ ଯାତ୍ରା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ■୧ ଲକ୍ଷ ୬୨ ହଜାର ବିଦ୍ୟୁତ୍ ବିଲ୍ ବାକି

# ଲାଇନ କାଟିଦେଲା ଏନ୍‌ଜେନ



■୪ ଦିନ ହେଲା ଜଳଯୋଗାଣ ବନ୍ଦ
■ଜିଲାପାଳଙ୍କଠାରେ ଅଭିଯୋଗ
■ଆନ୍ଦୋଳନ ପାଇଁ ସଜବାଜ

ବଇଣ୍ଡା,୨୯।୩(ଡି.ଏନ.ଏ)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ହେଲେ ଏହାର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ କେଉଁଠି ବିଦ୍ୟୁତ୍ ବିଲ୍ ବାକି ଯୋଗୁ ପ୍ରକଳ୍ପ ଚାଲି ପାରୁନି ତ ଆଉ କେଉଁଠି ପମ୍ପ ଅଚଳ ଯୋଗୁ ପ୍ରକଳ୍ପ ଠପ୍ ହୋଇଯାଉଛି। ଅନୁଗୋଳ ଜିଲା ଗାଁ ବଇଣ୍ଡା ପଞ୍ଚାୟତ ସୋଲଣ୍ଡା ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଛି। ଗ୍ରାମରେ ଥିବା ପ୍ରକଳ୍ପର ବକେୟା ବିଦ୍ୟୁତ୍ ବିଲ୍ ୧ ଲକ୍ଷ ୬୨ ହଜାର ଟଙ୍କାରେ ପହଞ୍ଚିଥିବାବେଳେ ଜଳଯୋଗାଣ ବିଭାଗ କିମ୍ବା ପଞ୍ଚାୟତ ବିଭାଗ ବିଲ୍ ପଇଠ କରୁ ନାହିଁ। ଫଳରେ ଏନ୍‌ଜେନ ପକ୍ଷରୁ ପ୍ରକଳ୍ପକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଛି। ଏଥିଯୋଗୁଁ ୪ ଦିନ ହେଲା ସମ୍ପୃକ୍ତ ଅଞ୍ଚଳରେ ଜଳଯୋଗାଣ ବନ୍ଦ ରହିଛି। ଏହାର ପ୍ରତିବାଦ କରି ଶୁକ୍ରବାର ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଏ ବାବଦରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଲକ୍ଷାଧିକ ଟଙ୍କା ବ୍ୟୟରେ ସୋଲଣ୍ଡା ଗ୍ରାମର ୮ଟି ସାହିର ୧୬୦ ପରିବାରକୁ ଜଳଯୋଗାଣ ପାଇଁ ସୋଲଣ୍ଡାଠାରେ ସରକାର ଏକ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଏହି ପ୍ରକଳ୍ପ ୩୧.୩.୨୦୧୭ଠାରୁ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇ ପ୍ରତ୍ୟେକ ପରିବାରକୁ ଜଳଯୋଗାଣ କରାଯାଉଛି। ୨ବର୍ଷ ହେବ ଏହି ସେବା ଚାଲିଥିବାବେଳେ ଜଳଯୋଗାଣ ବିଭାଗ ପଞ୍ଚାୟତକୁ ପ୍ରକଳ୍ପର ଦାୟିତ୍ୱ ହସ୍ତାନ୍ତର କରିନାହିଁ। ୨ ବର୍ଷର ବିଦ୍ୟୁତ୍ ବିଲ୍ ୧ ଲକ୍ଷ ୬୨ ହଜାର ଟଙ୍କା ହୋଇଥିବାବେଳେ ଏପର୍ଯ୍ୟନ୍ତ ପଇଠ କରାଯାଇ ନାହିଁ। ଫଳରେ ମଙ୍ଗଳବାର ପ୍ରକଳ୍ପରୁ ଏନ୍‌ଜେନ ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଇଛି। ଏଥିଯୋଗୁ ଜଳଯୋଗାଣ ବନ୍ଦ ରହିଛି। ଗ୍ରାମରେ ୪ଟି ନଳକୂପ ଅଚଳ ହୋଇପଡ଼ିଥିବାବେଳେ ଏପଟେ ଜଳ ଯୋଗାଣ ବନ୍ଦ ଯୋଗୁ ଗ୍ରାମବାସୀ ୧ କିମି ଦୂରରୁ ପାଣି ଆଣି ପିଉଛନ୍ତି। ତୁରନ୍ତ ଜଳଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ବିଲ ପଇଠ କରି ଜଳ ଯୋଗାଣ କରିବା ପାଇଁ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାହୁ, ଦିଲୀପ କୁମାର ପ୍ରଧାନ, ଅଞ୍ଜନ କୁମାର ପ୍ରଧାନ, କିଶୋର ଚନ୍ଦ୍ର ସାହୁ, ଶ୍ରୀଧର ମାଝି, ମନୋରଞ୍ଜନ ନାୟକ, ଯୋଗିନ୍ଦ୍ର ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ନରେନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଗାଁ ବଇଣ୍ଡା ସରପଞ୍ଚ ମାନସ ରଞ୍ଜନ ସାହୁ କହିଛନ୍ତି, ପ୍ରକଳ୍ପଟି ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ବିଦ୍ୟୁତ୍ ବିଲ ପଇଠ କରାଯାଇ ନାହିଁ। ଏ ନେଇ କିଶୋରନଗର ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି, ଖୁବଶୀଘ୍ର ପ୍ରକଳ୍ପର ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯିବ। ଏଥିସହ ବିଦ୍ୟୁତ୍ ବିଲ ପଇଠ ପାଇଁ ପଞ୍ଚାୟତ ବିଭାଗ ସହ ଜଳଯୋଗାଣ ବିଭାଗ ପକ୍ଷରୁ ଆଲୋଚନା କରାଯିବ।

## ବାଇକ୍ ଡିକିରୁ ଟଙ୍କା ଲୁଟ

କଣିହାଁ, ୨୯।୩(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ଶୁକ୍ରବାର ୨ଟି ବାଇକ୍ ଡିକିରୁ ଟଙ୍କା ଲୁଟ୍ ହୋଇଛି। ଶରଧାପୁର ଗ୍ରାମର ମହିଳା ବେଢି ମାହାନ୍ତି ଓ ଗାୟତ୍ରୀ ସେଠୀ ସମଲ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ସମ୍ପର୍କୀୟ ଅଭି ସେଠୀଙ୍କ ସହ ବାଇକ୍‌ରେ ଯାଇଥିଲେ। ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ଗ୍ରାମକୁ ଫେରୁଥିବାବେଳେ ପବିତ୍ରନଗର ଛକ ବଜାରରେ ସେମାନେ ପରିବା କିଣିଥିଲେ। ସେଠାରେ ଡିକି ଖୋଲିଲାବେଳେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସମଲ ଥାନାରେ ଅଭିଯୋଗ ହୋଇଛି। ପବିତ୍ରନଗର ବଜାରରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କୁ ଧରିବାକୁ ଦାବି ହୋଇଛି। ସେହିପରି ବୁରୁକନା ଗ୍ରାମର ଚିତ୍ତରଞ୍ଜନ ବିଶ୍ୱାଳ ସମଲ ଷ୍ଟେଟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ପରେ କୁଲେଇ ବଜାରରେ ମାର୍କେଟିଂ ବେଳେ ଟଙ୍କା ଲୁଟ୍ ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ସମଲ ଥାନା ଆଇଆଇସି ସୁନୀଲ କର କହିଛନ୍ତି, ଟଙ୍କା ଲୁଟ୍ ଅଭିଯୋଗ ଆସିଛି। ତଦନ୍ତ ଚାଲିଛି।

# ସୀତା ବିବାହ ଉତ୍ସବ

ବନ୍ତଳା, ୨୯।୩ (ଡି.ଏନ.ଏ.)



ଅନୁଗୋଳ ଜିଲା ବନ୍ତଳା ଥାନା ମଧୁପୁର ଗ୍ରାମରେ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହା ୯ ଦିନ ଧରି ଚାଲିବ। ତୃତୀୟ ଦିନରେ ମାତା ସୀତାଙ୍କ ବିବାହ ଉତ୍ସବର ଆୟୋଜନ କରାଯାଇଥିଲା। ଗ୍ରାମର କୁନି କୁନି ପିଲାମାନେ ଏଥିରେ ଅଭିନୟ କରିଥିଲେ। ଗ୍ରାମର ପ୍ରତ୍ୟେକ ଘରେ ମାତା ସୀତା ଓ ରାମଙ୍କୁ ବନ୍ଦାପନା କରାଯାଇଥିଲା। ପାରାୟଣ କମିଟି ସଭାପତି ସୁରେଶ ବିଶ୍ୱାଳ, ସମ୍ପାଦକ ସନ୍ତୋଷ ସାହୁ, ବାଙ୍କନିଧି ପ୍ରଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ। କାଳିଆ ସାମଲ ଓ ସର୍ବେଶ୍ୱର ପ୍ରଧାନ ୫ଶହ ଲୋକଙ୍କୁ ଅନ୍ନପ୍ରସାଦ ବଣ୍ଟନ କରିଥିଲେ।

# ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୨୯।୩(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ପୋଲିସ ଶୁକ୍ରବାର ସକାଳେ ଜଣେ ନାବାଳିକାଙ୍କୁ କଣିହାଁ ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ଏଥିସହ ଅପହରଣ ଅଭିଯୋଗରେ କଣିହାଁ ଥାନା ଅଞ୍ଚଳର ସମୀର ସେଠୀ(୨୦)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ସମୀର ଜରପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭଲ ପାଉଥିଲେ। ଗତ ୨୫ ତାରିଖରେ ସମୀର ନାବାଳିକାଙ୍କୁ ନେଇ କେଉଁଆଡେ ପଳାଇଥିବା ନାବାଳିକାଙ୍କ ବାପା ଜରପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୫/୧୯ରେ ଏକ ମାମଲା ରୁଜୁ କରି ଶୁକ୍ରବାର ସମୀରଙ୍କ ଘରେ ଚଢ଼ାଉ କରିଥିଲା। ନାବାଳିକାଙ୍କ ଡାକ୍ତରୀମାଇନା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ ପରେ ପୋଲିସ ତାଙ୍କୁ ପରିବାରକୁ ହସ୍ତାନ୍ତର କରିଛି।

# ଇଟାଭାଟିରେ ଗଣ୍ଡଗୋଳ, ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ

ଛେଣ୍ଡିପଦା,୨୯।୩(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଅଞ୍ଚଳର ଏକ ଇଟା ଭାଟିରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ମହିଳା ଶ୍ରମିକଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୧୬/୧୯ରେ ମାମଲା ରୁଜୁ ସହ ଜଣଙ୍କୁ ଗିରଫ କରିଛି।

ପୋଲିସ କହିଛି, ବାଗଡିଆ ନିକଟସ୍ଥ ଖମାରଠାରେ ବାଗଡିଆ ଗ୍ରାମ ସୀମାରେ ରମେଶ ଗୋଚ୍ଛାୟତଙ୍କ ଇଟାଭାଟିରେ ବାଗଡିଆ ଗ୍ରାମର ଭାବିନୀ ନାଏକ ଶ୍ରମିକ ଭାବେ କାମ କରୁଥିଲେ। ଗତ ୧୭ ତାରିଖରେ ଭାବିନୀ ଭାଟିରେ କାମ କରୁଥିବା ବେଳେ କୌଣସି କାରଣକୁ ନେଇ ରମେଶଙ୍କୁ ଗାଳିଗୁଲଜ କରିଥିଲେ। ସେହିସମୟରେ ଅନ୍ୟ ଜଣେ ଶ୍ରମିକ ଉକ୍ତ ଗ୍ରାମର ଭଗବାନ ନାଏକ(୨୫)ଇଟାଭାଟିକୁ ଆସୁଥିବାରୁ ଭାବିନୀ ତାଙ୍କୁ ଗାଳି କରୁଥିବା ଭାବିଥିଲେ। ଏ ନେଇ ଭାବିନୀ ଓ ଭଗବାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଭଗବାନ ଏକ କୋଦାଳରେ ଭାବିନୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଭାବିନୀଙ୍କୁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭାବିନୀଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। କଟକ ମଙ୍ଗଳାବାଗ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଛେଣ୍ଡିପଦା ଥାନାକୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ଭାବିନୀଙ୍କ ସ୍ୱାମୀ ହାଡିବନ୍ଧୁ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଛନ୍ତି। ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଭଗବାନଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛନ୍ତି।

## ପାରିବାରିକ ଗଣ୍ଡଗୋଳ, ୨ ଗୁରୁତର

ଅନୁଗୋଳ ଅଫିସ, ୨୯।୩

ଅନୁଗୋଳ ଲିଙ୍ଗରାଯୋଡ଼ି ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଗଣ୍ଡଗୋଳ ଯୋଗୁ ୨ଜଣ ଗୁରୁତର ହୋଇଛନ୍ତି। ମୁଣ୍ଡରେ କଟୁରୀ ଚୋଟ ବାଜିଥିବାରୁ ସେମାନଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗଣ୍ଡଗୋଳ ସୃଷ୍ଟି କରିଥିବା କୁଙ୍ଗୁଲୁ ବେହେରା(୪୦) ମଧ୍ୟ ଆହତ ହୋଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୨୩୪/୧୯ରେ ମାମଲା ରୁଜୁ କରି ମାରଣାସ୍ତ୍ର ଜବତ କରିବା ସହ କୁଙ୍ଗୁଲୁଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଗାଁର ଚନ୍ଦନ ବେହେରା(୩୨) ଓ ରାଜେଶ ବେହେରା(୨୪)ଙ୍କ ସହ ପୋଡ଼ଶୀ ଘରର କୁଙ୍ଗୁଲୁଙ୍କ ଗଣ୍ଡଗୋଳ ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ କୁଙ୍ଗୁଲୁ ମାରଣାସ୍ତ୍ରରେ ଉଭୟଙ୍କୁ ଆକ୍ରମଣ କରିଥିବା ଚନ୍ଦନଙ୍କ ଭାଉଜ ଦମୟନ୍ତୀ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ■ଜଙ୍ଗଲ ଜମିରେ ପୋଖରୀ ଖୋଳାକୁ ନେଇ ବିବାଦ

# ଭିଏସ୍‌ଏସ୍ ସଭାପତିଙ୍କୁ ଗୁଳିମାଡ଼

■ଉପସ୍ଥିତ ବୁଦ୍ଧିଖଟାଇ ରକ୍ଷା ପାଇଲେ
■ଘଟଣାକୁ ଚାପି ଦେବାକୁ ଉଦ୍ୟମ
■ଥାନାରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ

କାମାକ୍ଷାନଗର,୨୯।୩(ଡି.ଏନ.ଏ)

ପୋଖରୀ ଖୋଳାକୁ କେନ୍ଦ୍ର କରି ଫୁଟିଛି ଗୁଳି। ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ପଥରଗଡ଼ ବାଉଁଶମୁଣ୍ଡା ଅଞ୍ଚଳର ସ୍ଥାନୀୟ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ସଭାପତି ଲୋଚନ କୁମାର ସାହୁ। ରାଜନୈତିକ ଚାପ ପକାଇ ଉକ୍ତ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି।

ବାଉଁଶମୁଣ୍ଡା ଗ୍ରାମରେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ବନ ବିଭାଗ ତରଫରୁ ଏକ ପୋଖରୀ ଖୋଳାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଶୁକ୍ରବାର ସକାଳୁ ପୋଖରୀ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭିଏସ୍‌ଏସ୍ ସଭାପତି ଲୋଚନ ଏହାର ତଦାରଖ ଦାୟିତ୍ୱରେ ଥିଲେ। କିନ୍ତୁ ସେହି ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜାଗାକୁ ନିଜ ଅକ୍ତିଆରରେ ରଖିଥିବା କହି ପୋଖରୀ କାର୍ଯ୍ୟକୁ ବିରୋଧ କରିଥିଲେ। ଏହା ବନ ବିଭାଗର ଜାଗା ହୋଇଥିବାରୁ ପୋଖରୀ ଖୋଳିବାରେ କୌଣସି ଅସୁବିଧା ନାହିଁ ବୋଲି ଲୋଚନ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ବଢ଼ିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତି ଏକ ଦେଶୀ ବନ୍ଧୁକରୁ ଲୋଚନଙ୍କ ଉପରକୁ ଗୁଳି ଚଳାଇଥିଲେ। ତେବେ ଉପସ୍ଥିତ ବୁଦ୍ଧି ଖଟାଇ ଲୋଚନ ଏକ ପଥର ତଳକୁ ଡେଇଁ ପଡ଼ିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବନ ବିଭାଗର ପଦସ୍ଥ ଅଧିକାରୀ ଏବଂ ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତା ଚାପ ପକାଇ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରିଥିଲେ। ହେଲେ ଘଟଣା ପ୍ରଘଟ ହୋଇଯାଇଥିଲା। ଏ ନେଇ ମୁକ୍ତାପଶି ଫରେଷ୍ଟର ଚନ୍ଦ୍ରଶେଖର ବେହେରା ପଚାରିବାରୁ ସେ ଘଟଣାକୁ ଏଡ଼ାଇ ଯାଇଥିଲେ। ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର କହିଛନ୍ତି, ଘଟଣା ସମ୍ପର୍କରେ ସେ ବିଳମ୍ବରେ ସୂଚନା ପାଇଛନ୍ତି। ଭିଏସ୍‌ଏସ୍ ସଭାପତିଙ୍କୁ ଥାନାରେ ଅଭିଯୋଗ କରିବାକୁ କୁହାଯାଇଛି। ଖବର ଲେଖାଯିବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ■ନିର୍ବାଚନୀ ଖର୍ଚ୍ଚ ସମୀକ୍ଷା ବୈଠକ

# ଦାୟିତ୍ୱ ପ୍ରତି ସଜାଗ ରହିବାକୁ ପରାମର୍ଶ



ସମୀକ୍ଷା ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମେତ ଅନ୍ୟମାନେ।

ପାଲଲହଡ଼ା, ୨୯।୩(ଡି.ଏନ.ଏ.)

ପାଲଲହଡ଼ା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ନିର୍ବାଚନ କକ୍ଷଠାରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ଜିଲା ଖର୍ଚ୍ଚ ଆକଳନ ପର୍ଯ୍ୟବେକ୍ଷକ ରାମେଶ୍ୱର ପି ମିନାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ନିର୍ବାଚନ ପାଇଁ ନିଯୁକ୍ତ ହୋଇଥିବା ଫ୍ଲାଇଂ ସ୍କ୍ୱାଡ, ଭିଡିଓ ସର୍ଭିଲାନ୍ସ ଟିମ ଏବଂ ଭିଡିଓ ଭିୟୁଇଂ ଟିମ୍‌ରେ କାର୍ଯ୍ୟରତ ଅଧିକାରୀଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କଳା ଟଙ୍କା ଉପରେ ନଜର ରଖିବା ସହ ପ୍ରାର୍ଥୀ ଏବଂ ରାଜନୈତିକ ଦଳଗୁଡିକ ପକ୍ଷରୁ କରାଯାଉଥିବା ଖର୍ଚ୍ଚ ଜଗିବା ଏବଂ ନିର୍ବାଚନ ଆୟୋଗଙ୍କ ସମସ୍ତ ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ପାଲଲହଡ଼ା ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ଜିଲାପାଳ ବ୍ରୁସିୟସ ଡୁଙ୍ଗଡୁଙ୍ଗଙ୍କ ସହ ବିଭିନ୍ନ ଟିମ୍‌ର ଅଧିକାରୀମାନେ ଯୋଗ ଦେଇଥିଲେ।

## ■ନାଲ୍‌କୋ ଡିପିଏସ୍‌ରେ ଫି ବୃଦ୍ଧିକୁ ବିରୋଧ

# ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ

ବଆଁରପାଳ, ୨୯।୩ (ଡି.ଏନ୍.ଏ)



DELHI PUBLIC SCHOOL
NALCONAGAR

Ref.No. DPS/ 6827 /2017-18/ Date:26.03.2018

CIRCULAR

FEES STRUCTURE FOR THE SESSION 2018-19

Dear Parents,

Details of Fees Structure for Nalco,CISF,SVM & Others is given below;

| Sl.No | Particulars | Existing Fee Structure NALCO/ SVM/CISF. | Revised Fee Structure NALCO/ SVM/CISF) | Existing Fee Structure (Others) | Revised Fee Structure (Others) | Remarks |
|---|---|---|---|---|---|---|
| 1 | Regd.Fee | Rs.50.00 | Rs.50.00 | Rs.200.00 | Rs.200.00 | Applicable only for new admission |
| 2 | Admission Fee | Rs.300.00 | Rs.300.00 | Rs.10,000.00 | Rs.10,000.00 | Applicable only for new admission |
| 3 | Annual Fee | Rs.200.00 | Rs.200.00 | Rs.1000.00 | Rs.1900.00 | p.a |
| 4 | Assignment Fee (Annual) | Rs.200.00 | Rs.200.00 | Rs.300.00 | Rs.200.00 | p.a |
| 5 | Caution Money (Refundable) | nil | nil | Rs.500.00 | Rs.500.00 | Applicable only for new admission |
| 6 | Tuition Fee( Nursery to VIII ) | Rs.25/- per month | Rs.25/- per month | Rs.860/- per month | Rs.950.00 per month | |
| 7 | Tuition Fee (IX to XII) | Rs.25/- per month | Rs.25/- per month | Rs.970/- per month | Rs.1070.00 per month | |

Note: The fee is to be deposited with Indian Overseas Bank, Nalconagar Branch on challan ( Fees Book ) available with the Sr.School Office. Please note that cash payment will not be acceptable at the school office.

(Dr.B.K.Mishra )
Principal

ଗତବର୍ଷ ଫି ର ସର୍କ୍ୟୁଲାର।



DELHI PUBLIC SCHOOL
NALCONAGAR

Ref.No. DPS/ 9358 /2018-19/ Date: 20.03.2019

CIRCULAR

FEES STRUCTURE FOR THE SESSION:- 2019-20

Details of fees structure for Nalco, CISF,SVM ,Nalco Foundation's Employees & Others ( Non-Nalconians ) is given below;

| Sl. No | Particulars | Fee Structure NALCO/ SVM/CISF) | Fee Structure (Others) | Remarks |
|---|---|---|---|---|
| 1 | Regd.Fee | Rs.100.00 | Rs.500.00 | Applicable only for new admission |
| 2 | Admission Fee | Rs.500.00 | Rs.15,000.00 | Applicable only for new admissions |
| 3 | Annual Fee | Rs.1000.00 | Rs.2000.00 | p.a |
| 4 | Assignment Fee ( Annual ) | Rs. 500.00 | Rs.500.00 | p.a |
| 5 | Caution Money ( Refundable ) | nil | Rs.2,000.00 | Applicable only for new admission |
| 6 | Tuition Fee( Nursery to VIII ) | Rs.25.00 To be revised | Rs.1,050.00 | Per month |
| 7 | Tuition Fee ( IX to XII ) | Rs.25.00 To be revised | Rs.1,180.00 | Per month |

Note: The fee is to be deposited with Indian Overseas Bank, Nalconagar Branch on challan ( Please collect Fees Book from the Class Teacher : Payment rules are mentioned in the Fees Book )
Please note that cash payment will not be acceptable at the School Office.

( N.V.N.Murty ) ( Dr.B.K.Mishra )

ଚଳିତ ବର୍ଷ ବର୍ଦ୍ଧିତ ଫି ସର୍କ୍ୟୁଲାର।

ନାଲ୍‌କୋ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ଛାତ୍ରୀଛାତ୍ରଙ୍କ ବାର୍ଷିକ ଫି ଓ ଆସାଇନ୍‌ମେଣ୍ଟ ଫି ବୃଦ୍ଧି କରାଯିବାକୁ ନାଲ୍‌କୋ ଏମ୍ପ୍ଲୋଇ ସଂଘ(ନେସ୍) ବିରୋଧ କରିଛି। ଏ ନେଇ ସଂଘ ପକ୍ଷରୁ ଶୁକ୍ରବାର ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ଅଭିଯୋଗ କରିଛି, ନାଲ୍‌କୋ କର୍ମଚାରୀଙ୍କ ପିଲାମାନଙ୍କ ସ୍କୁଲ, ମେଡିକାଲ, କ୍ଲବ ଖର୍ଚ୍ଚ ଆଦି କମ୍ପାନୀ କର୍ତ୍ତୃପକ୍ଷ ବହନ କରିବେ ବୋଲି ଆଇନ ରହିଛି। ମାତ୍ର ଡିପିଏସ୍ କର୍ତ୍ତୃପକ୍ଷ ଚଳିତ ବର୍ଷ ମନଇଚ୍ଛା ବାର୍ଷିକ ଓ ଆସାଇନ୍‌ମେଣ୍ଟ ଫି ବୃଦ୍ଧି କରିଛନ୍ତି। ଯାହାକି ନିୟମ ବିରୋଧୀ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ କର୍ତ୍ତୃପକ୍ଷ ଏକ ସର୍କ୍ୟୁଲାର ମାଧ୍ୟମରେ ଫି ବୃଦ୍ଧି ବିଷୟ ଜଣାଇଛନ୍ତି। ସର୍କ୍ୟୁଲାର ରେଫର ନମ୍ବର ଡିପିଏସ୍ ୭୩୫୮, ୨୦୧୮-୧୯ ତା ୨୦.୩.୧୯ ଅନୁଯାୟୀ କର୍ତ୍ତୃପକ୍ଷ ମନଇଚ୍ଛା ସ୍କୁଲ ଫି ବଢାଇଛନ୍ତି। ଯାହାକି କର୍ମଚାରୀଙ୍କ ପିଲା ଓ ଅନ୍ୟାନ୍ୟ ଛାତ୍ରୀଛାତ୍ରମାନଙ୍କ ଉପରେ ବୋଝ ହୋଇପଡ଼ିଛି। ନିୟମ ଅନୁଯାୟୀ ସ୍କୁଲର ଅନ୍ୟାନ୍ୟ ଖର୍ଚ୍ଚ ପ୍ରୋତ୍ସାହନ ଭତ୍ତା ବାବଦରେ ୩୫ ପ୍ରତିଶତ(ପର୍କ) ବହନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏଥିସହ ନାଲକୋ ସ୍କୁଲରେ କର୍ମଚାରୀଙ୍କ ପିଲାମାନଙ୍କୁ ନାମମାତ୍ର ଟଙ୍କାରେ କର୍ତ୍ତୃପକ୍ଷ ପାଠ ପଢାଇବାକୁ ଚାକିରି ସର୍ତ୍ତ ରହିଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଛି।

ପ୍ରକାଶଥାଉ କି, ଗତବର୍ଷ ସର୍କ୍ୟୁଲାର ଅନୁଯାୟୀ ଏମ୍ପ୍ଲୋଇ ପିଲାମାନଙ୍କ ପାଇଁ ବାର୍ଷିକ ଫି ୨ ଶହ ଟଙ୍କା ଓ ଆଶାୟୀ ପିଲାମାନଙ୍କ ପାଇଁ ୨ ଶହ ଟଙ୍କା ରହିଥିଲା। ମାତ୍ର କର୍ତ୍ତୃପକ୍ଷ ଚଳିତ ବର୍ଷ ଏମ୍ପ୍ଲୋଇ ପିଲାମାନଙ୍କ ପାଇଁ ବାର୍ଷିକ ଫି ୧ ହଜାର ଟଙ୍କା ବୃଦ୍ଧି କରିଥିବାବେଳେ ଆସାଇନ୍‌ମେଣ୍ଟ ଫିକୁ ୫ ଶହ ଟଙ୍କା ବୃଦ୍ଧି କରିଛନ୍ତି। ଏନେଇ ସଂଘ ଘୋର ଅସନ୍ତୋଷ ପ୍ରକାଶ କରିଛି। ଏ ସମ୍ପର୍କରେ ନାଲ୍‌କୋ ଏମ୍ପ୍ଲୋଇ ସଂଘର ସାଧାରଣ ସମ୍ପାଦକ ନିର୍ମଳ ଚନ୍ଦ୍ର ସାମଲ କୁହନ୍ତି, ଚଳିତ ବର୍ଷ କର୍ମଚାରୀମାନଙ୍କ ପିଲା ଓ ଆଖପାଖ ଅଞ୍ଚଳର ପିଲାଙ୍କ ପାଇଁ ଅହେତୁକ ଭାବେ ଫି ବୃଦ୍ଧି କରାଯାଇଛି। ଆଇନ ପରିସର ବାହାରେ ଡିପିଏସ୍ ଅଧ୍ୟକ୍ଷ ଜବରଦସ୍ତି ଫି ବୃଦ୍ଧି କରିଛନ୍ତି ବୋଲି ସେ କହିଛନ୍ତି। ଏଥିରୁ କର୍ତ୍ତୃପକ୍ଷ ନ ଓହରିଲେ ସଂଘ ତରଫରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସାମଲ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଡିପିଏସ୍ ଅଧ୍ୟକ୍ଷ ବି କେ ମିଶ୍ର କହିଛନ୍ତି, ସ୍କୁଲର ବାର୍ଷିକ ଫି ବୃଦ୍ଧି କରିବାରେ ପ୍ରିନ୍ସିପାଲଙ୍କ କୌଣସି କ୍ଷମତା ନାହିଁ। ଏହା ମ୍ୟାନେଜମେଣ୍ଟ ବୃଦ୍ଧି କରିଛନ୍ତି। ଚଳିତ ବର୍ଷ ଡିଜିଟାଲ ସିଷ୍ଟମ ହୋଇଥିବାରୁ ଏହା ବୃଦ୍ଧି କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶନିବାର,୩୦ ମାର୍ଚ୍ଚ /୨୦୧୯ Dhenkanal, Saturday March 30 / 2019




# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କାମାକ୍ଷାନଗର,୨୯।୩(ଡି.ଏନ.ଏ)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ କଲେଜ ପଛ ପାର୍ଶ୍ୱରେ ଥିବା ଏକ ବରଗଛରୁ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତା ହେଲେ କଣ୍ଟାପାଳ ପଞ୍ଚାୟତ ଶାଗବାରି ଗ୍ରାମର ଶିବ ବିରୁଆଙ୍କ ସ୍ତ୍ରୀ ଜେମା (୪୦)।

ସକାଳୁ ଜେମା ଘରୁ ପଳାଇ ଆସିଥିଲେ। ପୂର୍ବାହ୍ନରେ ଏକ ମୃତଦେହ ଗଛରେ ଝୁଲୁଥିବା ଦେଖି କେତେଜଣ ବ୍ୟକ୍ତି ପୋଲିସକୁ ସୂଚନା ଦେଇଥିଲେ। ଅନୁସନ୍ଧାନ ପରେ ଏହା ଜେମାଙ୍କ ମୃତଦେହ ବୋଲି ଜଣାପଡ଼ିଥିଲା। ଏପରି ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। କେଉଁ ପରିସ୍ଥିତିରେ ଜେମାଙ୍କ ମୃତ୍ୟୁ ହେଲା ଏବଂ ଏହା ହତ୍ୟା ନା ଆତ୍ମହତ୍ୟା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମୃତ ମହିଳାଙ୍କ ସ୍ୱାମୀଙ୍କୁ ପଚରାଉଚୁରା କରୁଛି। କାମାକ୍ଷାନଗର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି।




# ଅଷ୍ଟପ୍ରହର ନାମଯଜ୍ଞ

**ମାଧପୁର, ୨୯।୩**

ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତର ରଞ୍ଜନା ଗ୍ରାମରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସକାଳୁ ଗ୍ରାମ ପୋଖରୀରୁ ବହୁସଂଖ୍ୟାରେ ମହିଳା କଳସ ଶୋଭାଯାତ୍ରା କରିଥିଲେ। ପୂର୍ବାହ୍ନ ୮ଟାରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ହୃଷୀକେଶ ପଣ୍ଡା ଏବଂ ପ୍ରଫୁଲ୍ଲ ଚାନ୍ଦ ପୂଜକ ଦାୟିତ୍ୱ ତୁଲାଇଥିଲେ। କର୍ତ୍ତାଭାବେ ନାରାୟଣ ମେଣ୍ଢୁଲି, ତାଙ୍କ ସ୍ତ୍ରୀ ନନ୍ଦିନୀ ମେଣ୍ଢୁଲି ଯୋଗ ଦେଇଥିଲେ। ଗ୍ରାମ ସଭାପତି କୁମୁଦ ଚନ୍ଦ୍ର ବାଘ, ସମ୍ପାଦକ ସଚ୍ଚିଦାନନ୍ଦ ବଡ଼ମାଳି, ସୁବ୍ରତ ବଡ଼ମାଳୀ, ଭୀମସେନ ମେଣ୍ଢୁଲି, ଦୁଃଶାସନ ମେଣ୍ଢୁଲି, ରଞ୍ଜନ ମେଣ୍ଢୁଲି ପ୍ରମୁଖ ସହଯୋଗ କରିଥିଲେ।




# ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ନୂତନ ଗୃହ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୨୯।୩**



ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ଶୁକ୍ରବାର ମଧ୍ୟାହ୍ନରେ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ସନ୍ଧ୍ୟାରେ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳଙ୍କ ପୌରୋହିତ୍ୟରେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ. ଧରଣୀଧର ନାଥ, ପ୍ରଫେସର ସୀମା ଗୁପ୍ତାଭୋଳ, ଡ. ପ୍ରକାଶ ଚନ୍ଦ୍ର ଧଳ, ସେବକ ଚରଣ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଆଧୁନିକ ଶିକ୍ଷା ପଦ୍ଧତିକୁ ଲକ୍ଷ୍ୟ ରଖି ନୂତନ ଶୈଳୀରେ ଅଟ୍ଟାଳିକା ତିଆରି ହୋଇଛି। ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ସହ ସେମାନଙ୍କ ଶାରିରୀକ ଓ ମାନସିକ ଅବସ୍ଥାରେ ଉନ୍ନତି ପାଇଁ ବିଭିନ୍ନ ଯୋଜନା ରଖାଯାଇଥିବା ଧଳ କହିଥିଲେ।

ସନ୍ଧ୍ୟାରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ, ମୁଖ୍ୟବକ୍ତା ଡ. ଧରଣୀଧର ନାଥ, ସମ୍ମାନିତ ଅତିଥି ସୀମା ଗୁପ୍ତାଭୋଳ ଯୋଗଦେଇ ଆଧୁନିକ ଶିକ୍ଷା ପଦ୍ଧତି ଓ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଇଂଲିଶ ମାଧ୍ୟମରେ ଶିକ୍ଷାଦାନର ଗୁରୁତ୍ୱ ଦର୍ଶାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସେବକ ଚରଣ ଦାସ ବାର୍ଷିକ ବିବରଣୀ ପାଠ କରି ସ୍କୁଲର ଶିକ୍ଷାଦାନ ଓ ସଫଳତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟ ଶିକ୍ଷୟିତ୍ରୀ ଅନିତା ରାଜଗୁରୁଙ୍କ ନିର୍ଦ୍ଦେଶନାରେ ଆକର୍ଷଣୀୟ ନୃତ୍ୟ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ସୁପ୍ରିୟା ଦେହୁରୀ ଓ ରୀନା ସେନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଫ୍ୟାଶନ ଶୋ' ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଲୋପାମୁଦ୍ରା ପାଣି ଓ ସୁଦେଷ୍ଣା ମିଶ୍ର ସଂଯୋଜନା କରିଥିବାବେଳେ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ। ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ଧଳ, ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସିଂ, ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ଷଡ଼ଙ୍ଗୀ, ଲୋକସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଅନୁଷ୍ଠାନର ଉପାଧ୍ୟକ୍ଷ ବିଜୟ କୁମାର ଦାସ ଅତିଥି ପରିଚୟ ଓ ବରିଷ୍ଠ ଶିକ୍ଷକ ଅଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ